# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 4 February - 2026

*********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଗଠନ ପାଇଁ ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନ ଜରୁରୀ; କହିଲେ ରାଷ୍ଟ୍ରପତି

– ରାଇରଙ୍ଗପୁରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କଲେ ଶୁଭାରମ୍ଭ

- ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ବ୍ଲାକ ସ୍ୱାନ୍ ସମିଟ୍ ଇଣ୍ଡିଆ

- ଅପରେସନ୍ ଅନ୍ୱେଷଣ-୨ରେ ଓଡ଼ିଶା ପୁଲିସ ପକ୍ଷରୁ ୫ ହଜାର ୪୫୧ ଜଣ ନିଖୋଜ ବ୍ୟକ୍ତି ଉଦ୍ଧାର

ଏବଂ

- କର୍କଟ ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ କର୍କଟ ରୋଗ ଦିବସ

# ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ

କେନ୍ଦ୍ର ସରକାର ବର୍ତ୍ତମାନ ମହିଳାଙ୍କ ନେତୃତ୍ୱରେ ବିକାଶକୁ ଗୁରୁତ୍ୱ ଦେଉଛନ୍ତି । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନ ଜରୁରୀ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଆଜି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ରାଷ୍ଟ୍ରପତି କହିଛନ୍ତି, ଶିକ୍ଷାର ବିକାଶ ହେଲେ ହିଁ ଦେଶର ବିକାଶ ହୋଇପାରିବ । ଶିକ୍ଷା ହେଉଛି ପ୍ରଗତିର ପୁଞ୍ଜି । କେନ୍ଦ୍ର ସରକାର ଶିକ୍ଷା ବ୍ୟବସ୍ଥାରେ ବହୁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିଛନ୍ତି । ଆଦିବାସୀମାନଙ୍କ ଉନ୍ନତି ପାଇଁ ବହୁ ପଦକ୍ଷେପ ନିଆଯିବା ସହ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି ।

**- V/O -**

ଭାରତର ଇତିହାସ ବହୁ ଗୌରବପୂର୍ଣ୍ଣ । ଇତିହାସର ସଂରକ୍ଷଣ ପାଇଁ ବିଭିନ୍ନ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବା ସହ ଅନୁସନ୍ଧାନକୁ ଗୁରୁତ୍ୱ ଦିଆଯାଉଛି । ଅନ୍ତ୍ୟୋଦୟର ଉତ୍ଥାନ ସମାଜର ଶେଷସ୍ତରର ବ୍ୟକ୍ତିଙ୍କ ପାଖରେ ବିକାଶ ପହଁଞ୍ଚିବା ସରକାରଙ୍କ ଲକ୍ଷ୍ୟ । ତେବେ ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଓ ସହଭାଗିତା ନିତାନ୍ତ ଆବଶ୍ୟକ । ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଉପଯୁକ୍ତ ତାରତମ୍ୟ ରହିଲେ ହିଁ ସରକାରୀ

ଯୋଜନାର ଶତ ପ୍ରତିଶତ ଲାଭ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଁଞ୍ଚିପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି।

**- V/O -**

ରାଷ୍ଟ୍ରପତି ଆଜି ରାଇରଙ୍ଗପୁରଠାରେ ତୀରନ୍ଦାଜୀ କେନ୍ଦ୍ର, ଅବକାଶ ଗୃହ, ଆୟୁଷ ଚିକିତ୍ସାଳୟ ତଥା ଆର୍ୟୁବେଦ ମହାବିଦ୍ୟାଳୟ, ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ସହର ସୌନ୍ଦର୍ଯ୍ୟକରଣ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତିକରଣ, ସାଂସ୍କୃତିକ କେନ୍ଦ୍ର, ରାଇରଙ୍ଗପୁର ମହାବିଦ୍ୟାଳୟରେ ୩୨୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ରାଷ୍ଟ୍ରପତି ଆଜି ସକାଳେ ପୁରୀସ୍ଥିତ ଶ୍ୱେତଗଙ୍ଗାରେ ନିଜ ପିତୃପୁରଷଙ୍କୁ ପିଣ୍ଡଦାନ କରିବା ପରେ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ।

ରାଷ୍ଟ୍ରପତି ପୁରୀ ଗସ୍ତ ଶେଷ କରି ରାଇରଙ୍ଗପୁର ଏସ୍.ଏସ୍.ଡି. ହାଇସ୍କୁଲର ପ୍ଲାଟିନମ୍ ଜୟନ୍ତୀ ସମାରୋହରେ ଯୋଗଦେଇ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ସହ ଭାବିନିମୟ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଓଡ଼ିଶାର ପ୍ରଥମ ଆଦିବାସୀ ମନ୍ତ୍ରୀ ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ।

I&PR

## ବ୍ଲାକ ସ୍ୱାନ୍ ସମିଟ୍

ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଦୁଇ ଦିବସୀୟ ବ୍ଲକ ସ୍ୱାନ୍ ସମିଟ୍ ଇଣ୍ଡିଆ ଆରମ୍ଭ ହେଉଛି। ଭାରତ ନେତ୍ର ପଦକ୍ଷେପ ଅଧୀନରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଦେଶରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଥିବା ସମ୍ମିଳନୀ ଡିଜିଟାଲ ଏବଂ ଅର୍ଥନୈତିକ ଭବିଷ୍ୟତ ଗଠନ ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ସଚିବ ବିଶାଲ କୁମାର ଦେବ କହିଛନ୍ତି। ଏଥିରେ ୨୪ଟି ଦେଶରୁ ୧ ହଜାର ୭୦୦ରୁ ଅଧିକ ପ୍ରତିନିଧି ଭାଗ ନେବେ।

Balangir

## ଉପମୁଖ୍ୟମନ୍ତ୍ରୀ- ପ୍ରକଳ୍ପ ଉଦ୍‌ଘାଟନ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବଲାଙ୍ଗୀର ଜିଲ୍ଲା ଗସ୍ତରେ ଯାଇ ପାଟଣାଗଡ଼ ଓ ଖପ୍ରାଖୋଲ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ୪୨ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମିତ ହେବାକୁ ଥିବା ବାର୍ଥଲା ପଞ୍ଚାୟତର ବଜାର ନିୟନ୍ତ୍ରଣ ମଣ୍ଡିର ନୂତନ ଘର ଏବଂ ଖପ୍ରାଖୋଲ ବ୍ଲକରେ ୧୬ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ମିନି ଷ୍ଟଡିୟମ୍‌ର ଶିଳାନ୍ୟାସ କରିଛନ୍ତି। ଶ୍ରୀ ସିଂହଦେଓ ପୁଲିସର ୬ଟି ଷ୍ଟାଫ୍ କ୍ୱାର୍ଟର ମଧ୍ୟ ଶୁଭାରମ୍ଭ କରିଛନ୍ତି।

Desk

# ପରୀକ୍ଷା ପେ’ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ପରୀକ୍ଷା ପେ ଚର୍ଚ୍ଚା’ କାର୍ଯ୍ୟକ୍ରମ ଆସନ୍ତା ଶୁକ୍ରବାର ଦିନ ପ୍ରସାରିତ ହେବ। ଏହାକୁ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ଦେଖିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଚଳିତବର୍ଷର ଏହି ଭାବବିନିମୟ କାର୍ଯ୍ୟକ୍ରମ କୋଏମ୍ବଟୁର, ଦେବମୋଗ୍ରା, ରାଏପୁର, ଗୌହାଟୀ ଏବଂ ଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ପରୀକ୍ଷା ପୂର୍ବରୁ ବିଦ୍ୟାର୍ଥୀ ଓ ଅଭିଭାବକମାନେ ଚାପମୁକ୍ତ, ଦୃଢ଼ ଆତ୍ମବିଶ୍ୱାସ, ମାନସିକ ସ୍ଥିରତା ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

I&PR

# ଅନ୍ୱେଷଣ–୨

ଓଡ଼ିଶା ପୁଲିସ ପକ୍ଷରୁ ଅପରେସନ୍ ଅନ୍ୱେଷଣ-୨ ଅଧୀନରେ ୫ ହଜାର ୪୫୧ ଜଣ ନିଖୋଜ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ପୁରୀ ଜିଲ୍ଲା ପୁଲିସ ପକ୍ଷରୁ ୬୧୩ ଜଣଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ଶିଶୁ ମହିଳାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ପରିବାର ସହ ପୁନଃମିଳନ କରାଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶରେ ରାଜ୍ୟରେ ଗତ ମାସ ୨୧ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନ୍ୱେଷଣ-୨ ଅଭିଯାନ ଆରମ୍ଭ କରାଯାଇଥିଲା।

Nayagarh

## ବିଧାନସଭା ଷ୍ଟାଣ୍ଡିଂ କମିଟି

ଓଡ଼ିଶା ବିଧାନସଭା ଷ୍ଟାଣ୍ଡିଂ କମିଟିର ସଦସ୍ୟ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଗସ୍ତ କରି ମତ୍ସ୍ୟ ସମ୍ପଦ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସଦସ୍ୟମାନେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଧ୍ୟ ଚାରାରୋପଣ କରାଯାଇଛି ।

Malkangiri

## ମାଓବାଦୀ ଆତ୍ମସମର୍ପଣ

ମାଲକାନଗିରି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆଜି ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍‌ଙ୍କ ନିକଟରେ ଜଣେ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛି । ମାଓବାଦୀ ଜଣକ ହେଲେ ସୁଖରାମ ମାରକମ୍ । ସେ ଗତ ୨୦୧୦ ମସିହାରେ ମାଓ ସଂଗଠନରେ ସାମିଲ ହୋଇଥିଲେ । ଆତ୍ମସମର୍ପଣକାରୀ ମାଓବାଦୀଙ୍କ ନାମରେ ସରକାର ୨୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ।

Kalahandi

## ଜନଗଣନା ପାଇଁ ତାଲିମ

କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନଗଣନା ପାଇଁ ଏକ ତାଲିମ ଓ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ

ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜନଗଣନା ପାଇଁ ହୋଇଥିବା ନୂତନ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଯାଇଛି ।

Boudh

## ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲା ବୌଦ୍ଧ ବ୍ଲକ ଅନ୍ତର୍ଗତ ଅଁଳାପାଲି ଗ୍ରାମରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।  କାର୍ଯ୍ୟକ୍ରମରେ ବୟନ ଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୁଣାକାରମାନେ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇବା ନେଇ ସଚେତନ କରାଇଥିଲେ ।

BHK

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରାଣୀତାଲସ୍ଥିତ ଜଗଦଲପୁର ଗ୍ରାମ ପଞ୍ଚାୟତ ସଭାଗୃହଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍, ଶ୍ରମ ଅଧିକାରୀ ଯୋଗଦେଇ ଜନସାଧାରଣ କିଭଳି ବିଚାରଧୀନ ଥିବା ମାମଲାଗୁଡ଼ିକର ସରଳ ଓ ସହଜରେ ସମାଧାନ ହୋଇପାରିବ ସେ ନେଇ ପରାମର୍ଶ ଦେଇଥିଲେ ।

CTC

## ଜାତୀୟ ତ୍ୟାଗ ଦିବସ

ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୨ତମ ଶ୍ରାଦ୍ଧ ବାର୍ଷିକୀକୁ ଜାତୀୟ ତ୍ୟାଗ ଦିବସ ଭାବେ କଟକସ୍ଥିତ ଗୋରାକବରଠାରେ ପାଳନ କରାଯାଇଛି। ଗୋରାକବରଠାରେ ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

Nayagarh

# ପିଏମ୍‌ଶ୍ରୀ ଉତ୍ସବ

ନୟାଗଡ଼ରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ନୟାଗଡ଼ ପିଏମ୍‌ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ି ଯୋଗ ଦେଇଥିଲେ। ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ସହ ଅର୍ନ୍ତନିହିତ ପ୍ରତିଭା ଏବଂ ଦକ୍ଷତା ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଜରୁରୀ ବୋଲି ଶ୍ରୀମତୀ ପାଢ଼ି କହିଥିଲେ।

Nuapada

# ପିଏମ୍‌ଶ୍ରୀ ଉତ୍ସବ

ନୂଆପଡ଼ା ଜିଲ୍ଲା ନ୍ୟାସନାଲ ହାଇସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗଦେଇ ଜିଲ୍ଲାର ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ମହେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

Gajapati/Desk

# ବିଶ୍ୱ କର୍କଟ ରୋଗ ଦିବସ

କର୍କଟ ରୋଗର କାରଣ ଏବଂ ନିରାକରଣ ଦିଗରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ କର୍କଟ ରୋଗ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବାର୍ତ୍ତା ରହିଛି 'ଅନନ୍ୟତାରେ ଏକତା' । ୨୦୦୦ ମସିହା ଫେବୃୟାରୀ ୪ ତାରିଖରେ ପ୍ୟାରିସ୍‌ଠାରେ ପ୍ରଥମଥର ପାଇଁ ବିଶ୍ୱ କର୍କଟ ରୋଗ ଦିବସ ପାଳନ କରାଯାଇଥିଲା । ବିଶେଷଜ୍ଞଙ୍କ ମତରେ  ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏହି ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟଲାଭ ସମ୍ଭବ। ବ୍ୟକ୍ତିଗତ ଏବଂ ସାମୂହିକସ୍ତରରେ  ପ୍ରୟାସ ଜାରି ରଖି କର୍କଟ ମୁକ୍ତ ଭବିଷ୍ୟତ ଗଠନ ଜରୁରୀ ହୋଇପଡ଼ିଛି।

କର୍କଟ ରୋଗର ନିରାକରଣ ଏବଂ ସଚେତନତା ସମ୍ପର୍କରେ ଡକ୍ଟର କୀର୍ତ୍ତି ଅନୁରାଗ ଆକାଶବାଣୀ କଟକକୁ କହିଛନ୍ତି...

**- V/O -**

ବିଶ୍ୱ କର୍କଟ ଦିବସ ଅବସରରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ପରିସରରେ ସଚେତନତା ଶୋଭାଯାତ୍ରା ବାହାରି ସ୍ଥାନୀୟ ମହାରାଜା ପ୍ୟାଲେସ ପର୍ଯ୍ୟନ୍ତ ଯାଇଥିଲା।

Deogarh

# ନିଯୁକ୍ତି ମେଳା

ଦେବଗଡ଼ ଜିଲ୍ଲା ବିଜୁପଟ୍ଟନାୟକ ପ୍ରେକ୍ଷାଳୟଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ଵାଳ ଯୋଗଦେଇ ୩୨ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । ଏହି ନିଯୁକ୍ତି ମେଳାରେ ତିନୋଟି ବ୍ଲକ ଓ ପୌରପରିଷଦରୁ ବହୁ ପ୍ରାର୍ଥୀ ଭାଗ ନେଇଥିଲେ ।

Boudh

## ଫୁଟବଲ ଟୁର୍ଣ୍ଣାମେଣ୍ଟ

ବୌଦ୍ଧ ଜିଲ୍ଲା ସରସରା ହାଇସ୍କୁଲ ପଡ଼ିଆରେ ଚାଲିଥିବା ବାବା କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚ୍ ଭଞ୍ଜନଗର ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭଞ୍ଜନଗର ଦଳ ୩-୦ ଗୋଲ୍‌ରେ ବିଜୟୀ ହୋଇଛି । ଆସନ୍ତାକାଲି ପ୍ରଥମ ସେମିଫାଇନାଲ ଅନୁଗୁଳ ଓ ଭଞ୍ଜନଗର ମଧ୍ୟରେ ଅନୁଷ୍ଠିତ ହେବ ।